# ଅଭିନନ୍ଦନ ଗଜାନନ

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ଗଜାନନ ମିଶ୍ର ଓ ତାଙ୍କର ଦୁଇ ସହଯୋଗୀ ଓଡ଼ିଆ ଭାଷା ସଂଗ୍ରାମ ସମିତି ତରଫରୁ ପାଞ୍ଚଦଫା ଦାବି ନେଇ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଗଜାନନ ମିଶ୍ର ବହୁ ବର୍ଷ ଧରି ଆମ ଅଦାଲତର ଭାଷା ଓଡ଼ିଆ ହେଉ ବୋଲି ଦାବି କରି ଆସୁଥିଲେ। ଗତମାସ ଓଡ଼ିଆ ଭାଷା ସଂଗ୍ରାମ ସମିତି ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରି ଧାରଣାରେ ବସିଥିଲେ। ଜୁନ୍ ମାସ ଶେଷ ସୁଦ୍ଧା ଦାବିଗୁଡ଼ିକ ଗ୍ରହଣ ନ ହେଲେ ସେ ଅନଶନ କରିବେ ବୋଲି ସୂଚନା ଦେଇଥିଲେ। ଗଜାନନଙ୍କର ଆମରଣ ଅନଶନ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଲଜ୍ଜାର ବିଷୟ। ଓଡ଼ିଶା ହିଁ ସମ୍ଭବତଃ ଏକମାତ୍ର ରାଜ୍ୟ ଯେଉଁଠି ନିଜ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ କରିବାକୁ ପଡୁଛି। ଭାରତର ଅନ୍ୟ କୌଣସି ପ୍ରଦେଶରେ ଏଭଳି ଆନ୍ଦୋଳନ ହେଉଥିବା କଥା ଆମକୁ ଜଣାନାହିଁ। ଆହୁରି ବିଡ଼ମ୍ବନାର ବିଷୟ ଏହି ଯେ ଭାରତରେ ଓଡ଼ିଶା ହିଁ ସର୍ବପ୍ରଥମେ ଭାଷାଭିତ୍ତିକ ପ୍ରଦେଶ ହୋଇଥିଲା। ଦିନେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କୁହାଯିବାରୁ ରାଧାନାଥ, ଫକୀରମୋହନ ଓ ଗଙ୍ଗାଧର ଏହାର ସ୍ୱାତନ୍ତ୍ର୍ୟ ପ୍ରମାଣ କରିବା ପାଇଁ ସଂଗ୍ରାମ କଲେ ଏବଂ ସଫଳ ହେଲେ। ଆଜି ପୁଣି ଏତେବର୍ଷ ପରେ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ବୋଲି କେନ୍ଦ୍ର ସରକାର ମାନ୍ୟତା ଦେଇଛନ୍ତି। ମନେରଖିବାକୁ ପଡ଼ିବ ଯେ ସଂସ୍କୃତ ଛଡ଼ା ଅନ୍ୟ କୌଣସି ଆର୍ଯ୍ୟ ଭାଷା ଏଭଳି ମାନ୍ୟତା ପାଇନାହାନ୍ତି। ଏ ସଫଳତା ପାଇଁ ଆମେ ଆନନ୍ଦ ଓ ଉଲ୍ଲାସରେ ଭୋଜିଭାତ କରୁଥିବାବେଳେ ଭାଷା ସୁରକ୍ଷା ପାଇଁ ଗଜାନନଙ୍କ ଅନଶନ ଅଡୁଆ ଲାଗୁନାହିଁ କି?

ଓଡ଼ିଶାରେ କୌଣସି ସାମାଜିକ ଆନ୍ଦୋଳନ ସଫଳତା ନ ପାଇବା ପଛରେ ଅନେକଗୁଡ଼ିଏ କାରଣ ଅଛି। ପ୍ରଥମ ଓ ପ୍ରଧାନ କାରଣ ହେଲା ଆମେ ସଂଗ୍ରାମ କରୁଛୁ ସତ, କିନ୍ତୁ ଶତ୍ରୁ ଚିହ୍ନଟ କରିପାରୁନାହୁଁ। ଶତ୍ରୁ ଚିହ୍ନଟ ହୋଇ ନ ପାରିଲେ କୌଣସି ସଂଗ୍ରାମ ସଫଳ ହୁଏ ନାହିଁ। ଓଡ଼ିଆ ଭାଷାର ଶତ୍ରୁ କିଏ ସେ ବିଷୟରେ ତର୍ଜମା ହେବା ଦରକାର। ଆମ ବିଚାରରେ ଓଡ଼ିଆ ଭାଷାର ଶତ୍ରୁ ବୋଧହୁଏ ଆମେ ନିଜେ। ସମାଜର ବିଶିଷ୍ଟ ବର୍ଗ ଯେଉଁ ଭାଷାକୁ ବ୍ୟବହାର କରନ୍ତି, ତାହା ଆପେ ଆପେ ତଳ ସ୍ତରକୁ ପ୍ରଭାବିତ କରେ। ସେହିପରି ପ୍ରଶାସନ ଓ ନ୍ୟାୟାଳୟରେ ଯେଉଁ ଭାଷା ବ୍ୟବହୃତ ହୁଏ, ତାକୁ ଶିଖିବା ପାଇଁ ଆପେ ଆପେ ଚାପ ପଡ଼େ। ଯେଉଁ ଭାଷା ଶିଖିଲେ ପେଟ ପୋଷିବା ପାଇଁ ଦୁଇ ପଇସା ରୋଜଗାର କରିହୁଏ, ସେ ଭାଷା ସହ ସ୍ୱାଭାବିକ ଭାବେ ସଂପୃକ୍ତି ବଢ଼େ। ଆମ ଓଡ଼ିଶାରେ ଉପରୋକ୍ତ କୌଣସି ଦୃଷ୍ଟିରୁ ଓଡ଼ିଆ ଭାଷା ଦରକାରୀ ହୋଇପାରିନାହିଁ। ଆମର ଶାସନ ଓ ନ୍ୟାୟାଳୟର ଭାଷା ଓଡ଼ିଆ ନୁହେଁ। ୧୯୫୪ ମସିହାରୁ ଓଡ଼ିଆକୁ ସରକାରୀ ଭାଷା କରାହୋଇଥିଲେ ମଧ ଏହାର ସେପରି ବ୍ୟବହାର ହେଉନାହିଁ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ଜାଣି ନ ଥିବାରୁ ଓଲଟା ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଛି। ଏ ବିଷୟରେ ଅନାସକ୍ତ ଆଲୋଚନା କରିବା ପାଇଁ କେହି ପ୍ରସ୍ତୁତ ନୁହନ୍ତି। ଓଡ଼ିଶାର ବିଶିଷ୍ଟ ବର୍ଗ ଓଡ଼ିଆ ଭାଷାକୁ ଆଦୌ ଦରକାରୀ ମନେ କରୁ ନାହାନ୍ତି। ବରଂ ସେମାନଙ୍କ ପାଇଁ ଏହା ଏକ ଅଯଥା ବୋଝ। ସେମାନଙ୍କର ଉତ୍ତର ପିଢ଼ି ଓଡ଼ିଆ ଭାଷାଠାରୁ ବେଶ୍ ଦୂରକୁ ଠେଲିହୋଇ ଗଲେଣି। ଓଡ଼ିଆରେ ପଢ଼ିଲେ ତାଙ୍କ ପିଲାମାନେ ବଜାର ସଭ୍ୟତାର ପ୍ରତିଯୋଗିତାରେ ପଛେଇ ଯିବେ, ଏଭଳି ଗୋଟିଏ ଧାରଣା ସେମାନଙ୍କ ମନରେ ଜମାଟ ବାନ୍ଧି ବସିଲାଣି। ଏହା ସାଙ୍ଗକୁ ଆଧୁନିକ ବିଜ୍ଞାନ ଓ କାରିଗରୀ କୌଶଳ ମଧ ଆମ ଭାଷା ପାଇଁ କମ୍ ଶତ୍ରୁ ସାଜିନାହିଁ। ଆମ ପିଲାମାନେ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍, ଟୁଇଟର୍, ଫେସ୍‌ବୁକ୍ ଆଦି ସୋସିଆଲ୍ ମିଡିଆ ଯୁଗରେ ଏପରି ଛନ୍ଦିହୋଇ ଯାଇଛନ୍ତି ଯେ ସେମାନଙ୍କୁ ସେଥିରୁ ମୁକ୍ତ କରିବା ଆଦୌ ସମ୍ଭବ କି ବାଞ୍ଛନୀୟ ନୁହେଁ। ଆମ ବିଚାରରେ ଯେଉଁଠି ଶତ୍ରୁକୁ ଜିତିବା ସମ୍ଭବ ନୁହେଁ ତା' ସହିତ ସନ୍ଧି କରିନେବା ବରଂ ବୁଦ୍ଧିମାନର କାମ। ଆଜି ଭାଷା ସଂଗ୍ରାମ ସମିତିର ସଂଗ୍ରାମୀ ବନ୍ଧୁମାନଙ୍କୁ ଅଭିନନ୍ଦନ ଜଣାଇବା ବେଳେ ଏକଥା ମନେ ପକାଇଦେବା ଉଚିତ ମଣୁଛୁ।

ଏବେ ନବକଳେବରର ସମୟ। ଜଗନ୍ନାଥଙ୍କ ନବକଳେବର ପରି ଓଡ଼ିଆ ଜାତିର ନବକଳେବର ହେଉ। ଭାଷା ବିନା କୌଣସି ଜାତିନିର୍ମାଣ ସମ୍ଭବ ନୁହେଁ। ଓଡ଼ିଆ ଜାତୀୟ ଜୀବନକୁ ନୂଆକରି ଗଢ଼ିବାକୁ ହେଲେ ଓଡ଼ିଆ ଭାଷାରୁ ହିଁ ଆରମ୍ଭ କରିବାକୁ ହେବ। କିନ୍ତୁ ଜଗନ୍ନାଥଙ୍କ ନବକଳେବରର ବିଭ୍ରାଟ ପରି ଭାଷା ଆନ୍ଦୋଳନରେ ଯେପରି ବିଭ୍ରାଟ ନ ହୁଏ ସେଥିପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡ଼ିବ। ଓଡ଼ିଆ ଭାଷା ଆମ ସମସ୍ତଙ୍କର। ଏହା କୌଣସି ନିର୍ଦ୍ଦିଷ୍ଟ ବର୍ଣ୍ଣ, ଧର୍ମ, ଦଳ ବା ଗୋଷ୍ଠୀର ନୁହେଁ। କୌଣସି ବ୍ୟକ୍ତି, ଦଳ ବା ଅନୁଷ୍ଠାନ ଏହାର ବିକାଶରେ ଅନ୍ତରାୟ ସାଜିଲେ ସେମାନଙ୍କୁ ହଟାଇବା ପାଇଁ ଅଣ୍ଟା ଭିଡ଼ିବାକୁ ହେବ। ଆମ ସମସ୍ତଙ୍କୁ ଏପରି ଏକ ସଂକଳ୍ପ ସଂପର୍କରେ ଚେତେଇ ଦେଇଥିବାରୁ ଗଜାନନଙ୍କୁ ଅଭିନନ୍ଦନ। ରାଜଧାନୀ ସହରର ବିଶିଷ୍ଟ ବର୍ଗର ପ୍ରତିନିଧିମାନଙ୍କୁ ଆମର ଗୋଟିଏ ଛୋଟ ନିବେଦନ। ଆସନ୍ତୁ, ଗଜାନନଙ୍କୁ ମାଳାଟିଏ ପିନ୍ଧାଇ ଆମେ ମଧ ଅଭିନନ୍ଦନ ଜଣାଇବା ସହ ଅନୁରୂପ ସଂକଳ୍ପ ନେଇ ଏହି ଅଭିଯାନରେ ସାମିଲ ହେବା।